# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 December – 2025

**********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ  ପାରିତ ହେଲା ଭି.ବି. ଜି. ରାମ୍ ଜୀ'-୨୦୨୫ ବିଲ୍
- ଖଣ୍ଡଗିରିରୁ ଭୁବନେଶ୍ୱର ଏମ୍ସ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ଆମ୍ବୁଲାନ୍ସ କରିଡର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି
- ଆଦିବାସୀ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଦେଶରେ କାର୍ଯ୍ୟକ୍ଷମ ହୋଇଛି ୪୪୦ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ

ଏବଂ

- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେଲା ରାଜ୍ୟସ୍ତରୀୟ ସର୍ଗିଫୁଲ - ୨୦୨୫ ମହୋତ୍ସବ

Desk

# ମନରେଗା - ଜି. ରାମ ଜି.

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ (ଗ୍ରାମୀଣ) - VB G. RAM G-2025 ବିଲ୍ ଆଜି ଲୋକସଭାରେ ପାରିତ ହୋଇଛି। ବିଲ୍ ଆଲୋଚନାରେ ଉତ୍ତର ଦେଇ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଗ୍ରାମୀଣ ସାର୍ବଜନୀନ ବିକାଶ କାର୍ଯ୍ୟ ପାଇଁ ଏକ ଏକୀକୃତ ଜାତୀୟ ଢାଞ୍ଚା ସୃଷ୍ଟି କରିବା ନେଇ ବିଲ୍‌ରେ ପ୍ରସ୍ତାବ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମନରେଗା ଯୋଜନାକୁ ସଠିକ୍ ଏବଂ ପ୍ରଭାବଶାଳୀ ଉପାୟରେ କାର୍ଯ୍ୟକାରୀ କରାଯିବା ଲକ୍ଷ୍ୟ ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି। ସେ କହିଛନ୍ତି, ମନରେଗା ଯୋଜନା ଅଧୀନରେ ତତ୍କାଳୀନ ସରକାରଙ୍କ ଅମଳରେ ୨୦୦୬-୦୭ରୁ ୨୦୧୩-୧୪ ମଧ୍ୟରେ ୧ ହଜାର ୬୬୦ କୋଟି ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ବର୍ତ୍ତମାନର ଏନ୍.ଡି.ଏ ସରକାରଙ୍କ ସମୟରେ ୩ ହଜାର ୨୧୦ କୋଟି ଶ୍ରମ ଦିବସ ସୃଷ୍ଟି ହୋଇପାରିଛି। ଏଥିରେ ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରୀ ଆଧାରିତ ନିଯୁକ୍ତି ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି। ବିଲ୍‌ରେ ସଶକ୍ତୀକରଣ, ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି।

**- V/O -Shivraj Singh Chauhan**

ମନ୍ତ୍ରୀଙ୍କ ଉତ୍ତର ପରେ ବିଲ୍‌ଟି ଗୃହର ଅନୁମୋଦନ ଲାଭ କରିଛି।

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତର ସରପଞ୍ଚ ନିରୁପମା ନାୟକ ଏହି ବିଲ୍ ସମ୍ପର୍କରେ ତାଙ୍କ ପ୍ରତିକ୍ରିୟାରେ ଆକାଶବାଣୀକୁ କହିଛନ୍ତି :

***Voice (Nirupama)*** :.........

HS

## ଖଣ୍ଡଗିରି-ଏମ୍ସ ଆମ୍ବୁଲାନ୍ସ କରିଡର

ଭୁବନେଶ୍ୱରରେ ଜରୁରୀକାଳୀନ ଚିକିତ୍ସା ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ଖଣ୍ଡଗିରିରୁ ଏମ୍ସ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ଆମ୍ବୁଲାନ୍ସ କରିଡ଼ର ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ପୂର୍ତ୍ତ ବିଭାଗର ସମୀକ୍ଷା ବୈଠକରେ ଅନୁମୋଦନ ମିଳିଛି ବୋଲି ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ଖଣ୍ଡଗିରିରୁ କଳିଙ୍ଗନଗର ପର୍ଯ୍ୟନ୍ତ ତିନି ଲେନ୍‌ର ସର୍ଭିସ ରୋଡ୍ ନିର୍ମାଣ କରାଯିବ। ଯେଉଁଥିରେ ଗୋଟିଏ ଲେନ୍ ବିଶେଷ ଭାବେ ଆମ୍ବୁଲାନ୍ସ ପାଇଁ ସଂରକ୍ଷିତ ରହିବ। ଫଳରେ ଆପତ୍ତକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଗୁଡ଼ିକ ବିନା ବାଧାବିଘ୍ନରେ ଏମ୍ସରେ ପହଁଞ୍ଚିପାରିବ। ପ୍ରସ୍ତାବକୁ ଏମ୍ସ ନିର୍ଦ୍ଦେଶକଙ୍କ ଔପଚାରିକ ମଞ୍ଜୁରୀ ମିଳିଛି। ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ଟ୍ରାଫିକ ଚାପ କମିବା ସହ ଗୁରୁତର ରୋଗୀମାନଙ୍କୁ

ଯଥାସମୟରେ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେଇ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଶାବ୍ୟକ୍ତ କରିଛନ୍ତି ।

Desk

# ଏ.ଆଇ. ସମ୍ମିଳନୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତତ୍ତ୍ୱାବଧାନରେ ଆସନ୍ତାକାଲିଠାରୁ ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା-ଏ.ଆଇ. ସମ୍ମିଳନୀ ୨୦୨୫ ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରରେ ଅନୁଷ୍ଠିତ ହେବ । ଏ ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇ କହିଛନ୍ତି ଯେ ଫେବୃୟାରୀ ମାସରେ ଭାରତ ଇମ୍ପାକ୍ଟ ଏ.ଆଇ. ସମ୍ମିଳନୀ ହେବା ପୂର୍ବରୁ ଓଡ଼ିଶା ସମେତ ୮ଟି ରାଜ୍ୟରେ ଆଞ୍ଚଳିକ ଇମ୍ପାକ୍ଟ ଏ.ଆଇ. ସମ୍ମିଳନୀ ଅନୁଷ୍ଠିତ ହେବ । ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ଏ.ଆଇ. ନୀତି ୨୦୨୫ ସହିତ ଫିନ୍‌ଟେକ୍, ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ନିବେଶକ ଅନୁକୂଳ ଢ଼ାଞ୍ଚା ନିର୍ମାଣ କରାଯାଉଛି । ଏଥିପାଇଁ ରାଜ୍ୟ ସରକାର ୨୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

HS

# ଆପାର୍ଟମେଣ୍ଟ ପଞ୍ଜୀକରଣ

ରାଜ୍ୟ ସରକାର ଆପାର୍ଟମେଣ୍ଟ ସର୍ବସାଧାରଣ ଅଞ୍ଚଳ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିଥିବା ନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି

ପ୍ରକାଶ ପାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ରିଏଲିଷ୍ଟେଟ୍ ପ୍ରକଳ୍ପର ସର୍ବସାଧାରଣ ଅଞ୍ଚଳ ୨୦ ହଜାର ଟଙ୍କାରେ ପଞ୍ଜୀକରଣ କରି ହେବ। ବାସଗୃହ କ୍ରେତାଙ୍କ ସଂଘ ନାମରେ ଏହାକୁ ପଞ୍ଜୀକରଣ କରାଯିବ । ଏ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ସବୁ ଅଂଶୀଦାରମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜସ୍ୱ ବିଭାଗ ପକ୍ଷରୁ ପଞ୍ଜୀକରଣ ନିୟମରେ ସଂଶୋଧନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

**- V/O –**

Desk

# ବିଧାୟକ ଦଳ ବୈଠକ

ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେଉଛି । ବୈଠକରେ ସାଂଗଠନିକ ସ୍ଥିତି ଏବଂ ରଣନୀତି ସମ୍ପର୍କରେ ଆଲୋଚନା ଜାରି ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଭାପତି ମନମୋହନ ସାମଲ, ମନ୍ତ୍ରି ପରିଷଦର ସଦସ୍ୟ ଓ ବିଧାୟକମାନେ ଉପସ୍ଥିତ ଅଛନ୍ତି ।

Desk

# ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହ ସ୍ୱତନ୍ତ୍ର ମତବିନିମୟ କାର୍ଯ୍ୟକ୍ରମ ‘ପରୀକ୍ଷା ପେ

ଚର୍ଚ୍ଚା'ର ନବମ ସଂସ୍କରଣ ଆସନ୍ତା ଜାନୁୟାରୀରେ ଅନୁଷ୍ଠିତ ହେବ। ଏନେଇ ଚଳିତ ମାସ ପହିଲାରୁ ପଞ୍ଜୀକରଣ ପ୍ରକ୍ରିୟା ମାଇଁ ଗଭ୍ ପୋର୍ଟାଲ୍‌ରେ ଜାରି ରହିଛି। ଆସନ୍ତା ମାସ ୧୧ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଭାରତ ଏବଂ ବିଦେଶର ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନେ ପରୀକ୍ଷା ଚାପକୁ ହ୍ରାସ କରି ଏହାକୁ ଏକ ଉତ୍ସବ ଭାବେ ଗ୍ରହଣ କରିବା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହେବ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରୀକ୍ଷା ପେ' ଚର୍ଚ୍ଚା-୨୦୨୬ ପାଇଁ ଅଧିକରୁ ଅଧିକ ପଞ୍ଜୀକରଣ କରିବାକୁ ଅନୁରୋଧ କରିଛନ୍ତି। ପରୀକ୍ଷା ଜୀବନର କେବଳ ଗୋଟିଏ ପର୍ଯ୍ୟାୟ' ସମଗ୍ର ଜୀବନ ନୁହେଁ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଯୁବମାନଙ୍କୁ ନିଜ ଲକ୍ଷ୍ୟ ସ୍ପଷ୍ଟ କରିବା ଏବଂ ସମ୍ପୂର୍ଣ୍ଣ ମନଯୋଗ ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

BBSR/R

## ସର୍ଗିଫୁଲ

ଭୁବନେଶ୍ୱରସ୍ଥିତ ଆଦିବାସୀ ପଡ଼ିଆ ୟୁନିଟ୍-୧ରେ ଆଜିଠାରୁ ରାଜ୍ୟସ୍ତରୀୟ 'ସର୍ଗିଫୁଲ-୨୦୨୫' ମହୋତ୍ସବ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି।

ସମ୍ମାନିତ ଅତିଥିଭାବେ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

BHK

## କୃଷକ ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ କୃଷି ବୈଜ୍ଞାନିକ, ଜିଲ୍ଲା କୃଷି ଉଦ୍ୟାନ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ଚାଷ କାର୍ଯ୍ୟର ପ୍ରଣାଳୀ, ସରକାରୀ ଅନୁଧ୍ୟାନ ଓ ବିଭିନ୍ନ କିଷମର ଚାଷ ସମ୍ପର୍କରେ ତାଲିମ ଦେଇଥିଲେ ।

BHK

## ସଚେତନ କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ କସିଆଜେଟିଠାରେ 'ସୁସ୍ଥ ଜୀବନ, ସଫା ମାଛ' ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ଓ ମତ୍ସ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ, ବିଶେଷଜ୍ଞ ଓ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ମାଛ ଧରିବା ଏବଂ ପରେ ଏହାର ପରିଷ୍କାର ପରିଚ୍ଛନ୍ନତା ଓ ସୁରକ୍ଷିତ ଭାବେ ରଖିବା ନେଇ ଉପସ୍ଥିତ ମତ୍ସ୍ୟଜୀବୀଙ୍କୁ ସଚେତନ କରିଛନ୍ତି ।

Nuapada

## ସଡ଼କ ଦୁର୍ଘଟଣା

ନୂଆପଡ଼ା ଜିଲ୍ଲା କୋମନା ଥାନା ହରିପୁର ଗ୍ରାମଠାରେ ଏକ ସଡ଼କ ଦୁର୍ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ତିନି ଜଣ ଗୁରୁତର ଆହତଙ୍କୁ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ୩୫୩ ନମ୍ବର ଜାତୀୟ ରାଜପଥରେ ଗୋଟିଏ କାର ଗଛରେ ପିଟି ହୋଇଯିବାରୁ ଏହି ଦୁର୍ଘଟଣା ଘଟିଛି। କାର୍‌ରେ ଥିବା ୬ ଜଣ ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାର କାରଣ ନେଇ ତଦନ୍ତ ଜାରି ରହିଛି ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

Nabarangpur

## ସାଂସଦ ଖେଳ ମହୋତ୍ସବ

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ମନୋଜ ପାଣିଗ୍ରାହୀ, ଖେଳ ମହୋତ୍ସବର ଜିଲ୍ଲା ସଂଯୋଜକ ଅର୍ଜୁନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏହାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ତିନିଦିନ ଧରି ହେବାକୁ ଥିବା ଏହି ଖେଳ ମହୋତ୍ସବରେ କ୍ରିକେଟ, ଫୁଟବଲ, ଭଲିବଲ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ମହୋତ୍ସବରେ ୨୫ଟି ବ୍ଲକରୁ ସଂସଦୀୟ କ୍ଷେତ୍ରରୁ କ୍ରୀଡ଼ା ପ୍ରତିଭାର ଅନ୍ୱେଷଣ କରାଯିବ।

Desk

## ପାଣିପାଗ

ରାଜ୍ୟରେ ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛନ୍ତି। ଶନିବାର ସକାଳ ପର୍ଯ୍ୟନ୍ତ ରାଜ୍ୟର ୫ଟି ଜିଲ୍ଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ଦେଖା ଦେଇପାରେ। ରାଉରକେଲା ଏବଂ ଫୁଲବାଣୀରେ ଆଜି ସକାଳୁ ଘନକୁହୁଡ଼ି ଦେଖିବାକୁ ମିଳିଥିଲା। ସୁନ୍ଦରଗଡ଼ ଏବଂ କନ୍ଧମାଳ ଜିଲ୍ଲାକୁ ଆସନ୍ତାକାଲି ଘନକୁହୁଡ଼ି ଦେଖାଦେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।